**ଭା. କୃ. ଅ. ପ. – ଭାରତୀୟ ଜଳ ପ୍ରବନ୍ଧନ ପ୍ରତିଷ୍ଠାନ**

**ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୩, ଓଡିଶା ।**

ନଥି ସଂ : ୨-୩୪/ଭଣ୍ଡାର/ନିଲାମ/୨୦୧୬/433 (4) ତାରିଖ: ୦୪/୦୨/୨୦୧୭

## ନିଲାମ ସୂଚନା

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆ ଯାଉଅଛି ଯେ, ନିର୍ଦ୍ଦେଶକ, ଭା.କୃ.ଅନୁ.ପ.– ଭାରତୀୟ ଜଳ ପ୍ରବନ୍ଧନ ପ୍ରତିଷ୍ଠାନ, ଭୁବନେଶ୍ୱରଙ୍କ ଗବେଷଣା ଫାର୍ମ ଡେରାସ, ମେଣ୍ଢାଶାଳ ଅଧୀନରେ ଥିବା ନିମ୍ନଲିଖିତ ଫଳ ବଗିଚାରୁ ଆର୍ଥିକ ବର୍ଷ ୨୦୧୭-୧୮ ପାଇଁ ଫଳ ସଂଗ୍ରହ କରିବା ନିମନ୍ତେ ତା ୧୭/୦୨/୨୦୧୭ ରିଖ ଦ୍ୱିବା ଘ ୧୧.୩୦ ମିନିଟ ସମୟରେ ସର୍ବସାଧାରଣରେ ନିଲାମ କରାଯିବ।

| | | |
|---|---|---|
| ୧। | ଆମ୍ବ ଗଛ (ପୁରୁଣା) | – ୨୦ ଗୋଟି |
| ୨। | ଆମ୍ବ ଗଛ (ନୂଆ) | – ୨୧୩ ଗୋଟି |
| ୩। | ସପେଟା ଗଛ | – ୫୨ ଗୋଟି |
| ୪। | ପିଜୁଳି ଗଛ | – ୧୨୪ ଗୋଟି |
| ୫। | ନଡିଆ ଗଛ | – ୫୮ ଗୋଟି |
| ୬। | କାଜୁବାଦାମ ଗଛ | – ୮୦୪ ଗୋଟି |

ସର୍ବୋଚ ନିଲାମଧାରୀ ନିଲାମ ସ୍ଥାନରେ ସମୁଦାୟ ନିଲାମ ମୂଲ୍ୟ ଜମାଦେବେ କିମ୍ବା ସମୁଦାୟ ମୂଲ୍ୟ ପଇଠ ନ କରିପାରିଲେ ନିଲାମ ମୂଲ୍ୟର ୨୫%(ପଚିଶ ଶତାଂଶ) ଜମାଦେଇ ଅବଶିଷ୍ଟ ୭୫%(ପଞ୍ଚସ୍ତରି ଶତାଂଶ) ମୂଲ୍ୟ ନିଲାମର ସାତଦିନ ମଧ୍ୟରେ ଜମାଦେଲେ ଫଳ ବଗିଚା ଗୁଡିକ ଫଳ ସଂଗ୍ରହ ନିମନ୍ତେ ଆର୍ଥିକ ବର୍ଷ ୨୦୧୭-୧୮ ପାଇଁ ତା ୦୧.୦୪.୨୦୧୭ ରିଖ ଠାରୁ ହସ୍ତାନ୍ତର କରାଯିବ। ଉପରଲିଖିତ ଗଛ ଗୁଡିକ ନିଲାମ ଦିନଠାରୁ ୧ ବର୍ଷ ପର୍ଯ୍ୟନ୍ତ (ଯାହାକି ୦୧.୦୪.୨୦୧୭ ଠାରୁ ଆରମ୍ଭ ୩୧.୦୩.୨୦୧୮ ପର୍ଯ୍ୟନ୍ତ ବଳବତ୍ତର ରହିବ) ଲିଜ ସୂତ୍ରରେ ଫଳ ସଂଗ୍ରହ ନିମନ୍ତେ ହସ୍ତାନ୍ତର କରାଯିବ। ନିଲାମ ସମୟ ମଧ୍ୟରେ ଗଛ ଗୁଡିକର କୌଣସି ମନୁଷ୍ୟକୃତ୍ୟ କ୍ଷତି କିମ୍ବା ନଷ୍ଟ ପାଇଁ ନିଲାମଧାରୀ ଦାୟୀ ରହିବେ। ନିଲାମି ବୃକ୍ଷ ଗୁଡିକର ରକ୍ଷଣାବେକ୍ଷଣ ନିଲାମଧାରୀଙ୍କ ନିଜସ୍ୱ ଦାଇତ୍ୱ ଅଟେ। ଇଚ୍ଛୁକ ନିଲାମଧାରୀ ମାନେ ନିଲାମ ହେବା ପୂର୍ବରୁ ଭାରପ୍ରାପ୍ତ ଫାର୍ମ ପରିଚାଳକ କିମ୍ବା ଶ୍ରୀ ଛୋଟେଲାଲ, ପ୍ରଯୁକ୍ତି ଅଧିକାରୀଙ୍କ ସହିତ ଯୋଗାଯୋଗ କରି ଉପରଲିଖିତ ଗଛ ଗୁଡିକୁ ଦେଖିପାରିବେ।

ନିର୍ଦ୍ଦେଶକ, ଭା. କୃ. ଅ. ପ. – ଭାରତୀୟ ଜଳ ପ୍ରବନ୍ଧନ ପ୍ରତିଷ୍ଠାନ, ଭୁବନେଶ୍ୱର କୌଣସି କାରଣ ନ ଦର୍ଶାଇ ଯେ କୌଣସି ସମୟରେ ନିଲାମଧାରୀଙ୍କ ନିଲାମକୁ ନାମଞ୍ଜୁର କରିପାରିବେ ।

ପ୍ରସାଶନିକ ଅଧିକାରୀ
ଭା.କୃ.ଅ.ପ. – ଭାରତୀୟ ଜଳ ପ୍ରବନ୍ଧନ ପ୍ରତିଷ୍ଠାନ,
ଭୁବନେଶ୍ୱର